





ଜିଲ୍ଲା ପରିଷଦର ବୈଠକଗୁଡ଼ିକ ପ୍ରତି ମାସକୁ ଥରେ ଅନୁଷ୍ଠିତ ହୋଇଥାଏ । ସ୍ୱତନ୍ତ୍ର ବିଷୟଗୁଡ଼ିକ ଆଲୋଚନା କରିବା ପାଇଁ ସ୍ୱତନ୍ତ୍ର ବୈଠକ ମଧ୍ୟ ଡ଼କାଯାଇପାରେ । ଏ ସଂକ୍ରାନ୍ତରେ ବିଷୟ ସମିତିମାନ ମଧ୍ୟ ଗଠନ କରାଯାଏ ।

**ନିଜ ପଦବୀ ବଳରେ :** ଜଣେ ବ୍ୟକ୍ତି ଏକ ପଦବୀର ଅଧିକାରୀ ଅଟନ୍ତି, ଏଥିପାଇଁ ନୁହେଁ ଯେ ସେ ସେହି ପଦବୀ ପାଇଁ ନିର୍ବାଚିତ ହୋଇଥାନ୍ତି, ବରଂ ସେ ଅନ୍ୟ ଏକ ପଦବୀ ଅଳଂକୃତ କରିଥାନ୍ତି ।

## ୧୬.୭.୧ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର କାର୍ଯ୍ୟ :

ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ରାଜ୍ୟ ଦ୍ୱାରା ସ୍ଥିର କରାଯାଇଥିବା ଆଇନ ଅଧିନରେ କାର୍ଯ୍ୟ କରନ୍ତି । ସାଧାରଣରେ କହିବାକୁ ଗଲେ ଏହି କାର୍ଯ୍ୟଗୁଡ଼ିକ ନିମ୍ନରେ ଦିଆଗଲା ।

### (i) ଗ୍ରାମ ପଞ୍ଚାୟତର କାର୍ଯ୍ୟ :

ଗ୍ରାମ ପଞ୍ଚାୟତର କାର୍ଯ୍ୟାବଳୀ ସଂକ୍ରାନ୍ତରେ କେତେକ ରାଜ୍ୟ ବାଧ୍ୟତାମୂଳକ ଓ ଇଚ୍ଛାଧୀନ କାର୍ଯ୍ୟ ମଧ୍ୟରେ ପାର୍ଥକ୍ୟ କରିଥାନ୍ତି ଓ ଆଉ କେତେକ ରାଜ୍ୟମାନଙ୍କ କ୍ଷେତ୍ରରେ ଏହି ପାର୍ଥକ୍ୟ ଦେଖାଯାଏ ନାହିଁ । କେତେକ ନାଗରିକ କାର୍ଯ୍ୟ ଯଥା ପରିମଳ ବ୍ୟବସ୍ଥା, ସର୍ବସାଧାରଣ ରାସ୍ତାଘାଟ କୂପ ଓ ପୁଷ୍କରିଣୀ, ଜନଶୌଚାଳୟ ଆଦି ସଫା ରଖିବା, ପ୍ରାଥମିକ ସ୍ୱାସ୍ଥ୍ୟ ରକ୍ଷା, ଟୀକାକରଣ, ପାନୀୟ ଜଳ ଯୋଗାଣ, ରାସ୍ତା ଆଲୋକୀକରଣ, ସାମାଜିକ ସ୍ୱାସ୍ଥ୍ୟ ଓ ପ୍ରାଥମିକଏବଂ ପ୍ରୌଢ଼ଶିକ୍ଷା ଇତ୍ୟାଦି ଗ୍ରାମ ପଞ୍ଚାୟତର ବାଧ୍ୟତାମୂଳକ କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥାଏ । ପଞ୍ଚାୟତର ଇଚ୍ଛାଧୀନ କାର୍ଯ୍ୟ ଏହାର ସମ୍ବଳ ଉପରେ ନିର୍ଭର କରେ । ଏହି କାର୍ଯ୍ୟ ସବୁ ଯଥା, ରାସ୍ତା କଡ଼ରେ ବୃକ୍ଷରୋପଣ, ଗୋପ୍ରଜନନ କେନ୍ଦ୍ର ପ୍ରତିଷ୍ଠା କରିବା, ମାତୃ ଓ ଶିଶୁ କଲ୍ୟାଣ କୃଷିର ବିକାଶ ଇତ୍ୟାଦି ପଞ୍ଚାୟତ ଚାହିଁଲେ କରିପାରେ ବା ନ କରିପାରେ ।

୭୩ତମ ସଂଶୋଧନ ପରେ ଗ୍ରାମ ପଞ୍ଚାୟତର କାର୍ଯ୍ୟ ପରିସର ପ୍ରଶସ୍ତ ହୋଇଛି । କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯଥା, ପଞ୍ଚାୟତ ଅଞ୍ଚଳର ବାର୍ଷିକ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବା, ବାର୍ଷିକ ବଜେଟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା, ସାର୍ବଜନୀନ ସ୍ଥାନରୁ ଜବରଦଖଲ ଉଚ୍ଛେଦ, ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଓ ନିରୀକ୍ଷଣ କରିବା, ଇତ୍ୟାଦି ପଞ୍ଚାୟତଗୁଡ଼ିକଠାରୁ ବର୍ତ୍ତମାନ ଆଶା କରାଯାଏ । କେତେକ ରାଜ୍ୟରେ ମଧ୍ୟ ଗ୍ରାମସଭା ଦ୍ୱାରା ହିତାଧିକାରୀମାନଙ୍କୁ ଚିହ୍ନଟ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଅଣପାରମ୍ପରିକ ଶକ୍ତିର ଉତ୍ସ, ଉନ୍ନତମାନର ଚୂଲା, ଜୈବିକ ଗ୍ୟାସକେନ୍ଦ୍ର ଇତ୍ୟାଦି କାର୍ଯ୍ୟ ଗ୍ରାମପଞ୍ଚାୟତକୁ ଦିଆଯାଇଥାଏ ।

### (ii) ପଞ୍ଚାୟତ ସମିତିର କାର୍ଯ୍ୟ :

ପଞ୍ଚାୟତ ସମିତିଗୁଡ଼ିକ ବିକାଶମୂଳକ କାର୍ଯ୍ୟର ମୁଖ୍ୟ କେନ୍ଦ୍ର ଅଟନ୍ତି । ଗୋଷ୍ଠୀ ଉନ୍ନୟନ ଅଧିକାରୀ (B.D.O) ଏହାର ମୁଖ୍ୟ ଅଟନ୍ତି । କୃଷି, ଭୂ-ଉନ୍ନୟନ, ଜଳଛାୟା ଉନ୍ନୟନ, ସାମାଜିକ ଓ କୃଷି ବନ ପ୍ରକଳ୍ପ, ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଇତ୍ୟାଦି କେତେକ କାର୍ଯ୍ୟ ପଞ୍ଚାୟତ ସମିତି ହାତରେ ନ୍ୟସ୍ତ କରାଯାଇଥାଏ । ଏହାର ଦ୍ୱିତୀୟ କିସମର କାର୍ଯ୍ୟଗୁଡ଼ିକ ହେଲା ବ୍ୟୟ ବରାଦ କରାଯାଇଥିବା କେତେକ ନିର୍ଦ୍ଦିଷ୍ଟ ଯୋଜନା ବା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା । ଏହାର ଅର୍ଥ ହେଲା, କେବଳ ସେହି ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ପଞ୍ଚାୟତ ସମିତି ଅର୍ଥ ବ୍ୟୟ କରିପାରିବ । ଏହା ସତ୍ତ୍ୱେ ସ୍ଥାନ ବା ହିତାଧିକାରୀ ନିରୂପଣ କରିବା କ୍ଷମତା ପଞ୍ଚାୟତ ସମିତି ପାଖରେ ରହିଥାଏ ।

### (iii) ଜିଲ୍ଲା ପରିଷଦର କାର୍ଯ୍ୟ :

ଜିଲ୍ଲା ପରିଷଦ ପଞ୍ଚାୟତ ସମିତି ମାନଙ୍କୁ ଜିଲ୍ଲାମଧ୍ୟରେ ସଂଯୋଗ କରାଇଥାଏ । ଏହା ସେମାନଙ୍କର କାର୍ଯ୍ୟସବୁ ତଦାରଖ କରିବା ସହିତ ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ । ଏହା ଜିଲ୍ଲା ପାଇଁ



Notes

ଯୋଜନା ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ରଜ୍ୟସରକାରଙ୍କୁ ଉପସ୍ଥାପନ କରିବା ନିମନ୍ତେ ପଞ୍ଚାୟତ ସମିତି ଯୋଜନାଗୁଡ଼ିକୁ ଜିଲ୍ଲା ଯୋଜନା ସହିତ ସଂଯୋଗ କରାଇଥାଏ ।

ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ଜିଲ୍ଲା ପରିଷଦର ପ୍ରତ୍ୟକ୍ଷ ନିରୀକ୍ଷଣରେ ସମ୍ପାଦିତ ହୋଇଥାଏ । କୃଷି ଉତ୍ପାଦନ ବୃଦ୍ଧି, ଭୂତଳ ଜଳସମ୍ପଦର ବିନିଯୋଗ ଗ୍ରାମ୍ୟ ବିଦ୍ୟୁତକରଣର ପ୍ରସାର, ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ କାର୍ଯ୍ୟକ୍ରମ, ସଡ଼କ ନିର୍ମାଣ ଓ ଅନ୍ୟାନ୍ୟ ଜନ ହିତକର କାର୍ଯ୍ୟ ପାଇଁ ଏହା ଯୋଜନା ପ୍ରସ୍ତୁତ କରିଥାଏ । ଏହା ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା ପ୍ରଦାନ, ଅନାଥାଶ୍ରମ ଓ ଦରିଦ୍ରଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ କରିବା, ଯାତ୍ରୀ ବିଶ୍ରାମାଗାର ସ୍ଥାପନ କରିବା ଏବଂ ମହିଳା ଓ ଶିଶୁଙ୍କର କଲ୍ୟାଣ କରିବା ଇତ୍ୟାଦି ଜନହିତକର କାର୍ଯ୍ୟ ସମ୍ପାଦନ କରିଥାଏ ।

ଏହା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଯୋଜିତ ଯୋଜନାଗୁଡ଼ିକ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥାଏ । ଉଦାହରଣ ସ୍ୱରୂପ ଜବାହାର ରୋଜଗାର ଯୋଜନା ଯାହାକି ଏକ ବୃହତ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନା ଯେଉଁଥିରେ ରୋଜଗାର ସୃଷ୍ଟି କରିବା କାର୍ଯ୍ୟ ସଂକ୍ରାନ୍ତରେ ଅର୍ଥସବୁ ଜିଲ୍ଲାମାନଙ୍କୁ ସିଧାସଳଖ ପ୍ରଦାନ କରାଯାଏ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୬.୨

**ଶୂନ୍ୟସ୍ଥାନ ପୂରଣ କର ।**

୧। ପଞ୍ଚାୟତିରାଜ ଧାରଣାଟି — ସମର୍ଥନ କରିଥିଲେ । (ମହତ୍ମାଗାନ୍ଧୀ / ଜବାହରଲାଲ ନେହେରୁ / ସର୍ଦ୍ଦାର ପଟେଲ)

୨। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଥମେ ______ ଙ୍କ ନେତୃତ୍ୱରେ ଗଠିତ ହୋଇଥିବା ସମିତି ସମର୍ଥନ କରିଥିଲେ । (ଅଶୋକ ମେହେଟ୍ଟା / ବଳବନ୍ତ ରାୟ ମେହେଟ୍ଟା / ସୁରେଶ ମେହେଟ୍ଟା)

୩। ପଞ୍ଚାୟତିରାଜ ବ୍ୟବସ୍ଥାର ମଧ୍ୟମ ସ୍ତରଟି ହେଲା ______ । (ଜିଲ୍ଲା ପରିଷଦ / ପଞ୍ଚାୟତ ସମିତି / ଗ୍ରାମପଞ୍ଚାୟତ) ।

୪। ସ୍ଥାନୀୟ ସରକାରଗୁଡ଼ିକର ଆର୍ଥିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ୭୩ତମ ସଂଶୋଧନ ଦ୍ୱାରା ______ ବ୍ୟବସ୍ଥା କରାଯାଇଛି । (ରାଜ୍ୟ ଯୋଜନା ବୋର୍ଡ଼ / ରାଜ୍ୟ ନିର୍ବାଚନ ଆୟୋଗ / ରାଜ୍ୟ ଅର୍ଥ ଆୟୋଗ) ।

୫। ଏକ ପଞ୍ଚାୟତ ସମିତି ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ______ ଦାୟୀ ଅଟନ୍ତି । (ଜିଲ୍ଲା ମାଜିଷ୍ଟ୍ରେଟ୍ / ସବ୍‌ଡ଼ିଭିଜିନାଲ ମାଜିଷ୍ଟ୍ରେଟ୍ / ଗୋଷ୍ଠୀ ଉନ୍ନୟନ ଅଧିକାରୀ) ।

୬। ଗ୍ରାମାଞ୍ଚଳରେ ______ କ୍ଷୁଦ୍ର ବିବାଦଗୁଡ଼ିକ ସମାଧାନ କରିଥାନ୍ତି । (ଗ୍ରାମ ପଞ୍ଚାୟତ / ନ୍ୟାୟ ପଞ୍ଚାୟତ / ପଞ୍ଚାୟତ ସମିତି) ।

୭। ______ ପ୍ରତ୍ୟକ୍ଷ ଗଣତନ୍ତ୍ରର ଏକ ପ୍ରତୀକ ଅଟେ । (ଗ୍ରାମସଭା / ଗ୍ରାମ ପଞ୍ଚାୟତ / ଜିଲ୍ଲା ପରିଷଦ)

୮। ନିଜ ପଦବୀ ବଳରେ ପଞ୍ଚାୟତ ସମିତିମାନଙ୍କର ସଭାପତିମାନେ ______ ର ସଦସ୍ୟ ଅଟନ୍ତି । (ନ୍ୟାୟ ପଞ୍ଚାୟତ / ଗ୍ରାମ ସଭା / ଜିଲ୍ଲା ପରିଷଦ) ।

## ୧୬.୮ ପଞ୍ଚାୟତମାନଙ୍କର ଆୟର ପନ୍ଥା

ଯଥେଷ୍ଟ ଆର୍ଥିକ ସମ୍ବଳ ଥିଲେ ପଞ୍ଚାୟତଗୁଡ଼ିକ ସେମାନଙ୍କର କାର୍ଯ୍ୟ ଦକ୍ଷତାର ସହିତ ସମ୍ପାଦନ କରିପାରିବେ । ନିଜର ସମ୍ବଳ ପାଇଁ ପଞ୍ଚାୟତଗୁଡ଼ିକ ମୁଖ୍ୟତଃ ରାଜ୍ୟ ସରକାରଙ୍କର ଅନୁଦାନ ଉପରେ ନିର୍ଭର କରିଥାନ୍ତି । ସେମାନଙ୍କର ମଧ କର ଧାର୍ଯ୍ୟ କରିବାର କ୍ଷମତା ରହିଥାଏ ଓ ନିଜ ମାଲିକାନାରେ ଥିବା ସମ୍ପତ୍ତିରୁ ସେମାନେ ଆୟ କରିଥାନ୍ତି । ସେମାନେ ମଧ ଧାର୍ଯ୍ୟ ହୋଇଥିବା କରରୁ କିଛି ଅଂଶ ପଣ୍ୟ କର ଓ ଦେୟ ରାଜ୍ୟସରକାରଙ୍କଠାରୁ ପାଇ ପାରନ୍ତି । ବର୍ତ୍ତମାନ ଚାଲ ଦେଖିବା ପଞ୍ଚାୟତ ଗୁଡ଼ିକ ନିଜ କାର୍ଯ୍ୟ ସମ୍ପାଦନ କରିବା ପାଇଁ କିପରି ସମ୍ପଦ ସୃଷ୍ଟି କରନ୍ତି ।

**(i) ଗ୍ରାମ ପଞ୍ଚାୟତ :**

ଅଧିକାଂଶ ରାଜ୍ୟରେ କର ଧାର୍ଯ୍ୟ କରିବାର କ୍ଷମତା ଗ୍ରାମ ପଞ୍ଚାୟତ ହାତରେ ନ୍ୟସ୍ତ କରାଯାଇଥାଏ । ଗୃହ ଖଜଣା, ଗୋରୁ, ସ୍ଥାବର ସମ୍ପତ୍ତି, ବାଣିଜ୍ୟ ପାଇଁ ଫସଲ, ନିଷ୍କାସନ, ପରିମଳ, ଉତ୍ପାଦନ ବିକ୍ରି, ଜଳଯୋଗାଣ ବିଦ୍ୟୁତକରଣ ଇତ୍ୟାଦି କେତେକ କର ବା ଦେୟ ପଞ୍ଚାୟତମାନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥାଏ । ପଞ୍ଚାୟତଗୁଡ଼ିକ ମଧ ଅସ୍ଥାୟୀ ଭାବରେ ଥିବା ପ୍ରେକ୍ଷାଳୟମାନଙ୍କ ଉପରେ ପ୍ରମୋଦ କର ଧାର୍ଯ୍ୟ କରିପାରନ୍ତି । ସେମାନେ ମଧ ପଶୁ ଓ ବିନା ଯନ୍ତ୍ରରେ ଚାଳିତ ଯାନବାହନ ଉପରେ କର ଧାର୍ଯ୍ୟ କରିପାରନ୍ତି ।

ସର୍ବସାଧାରଣ ପଡ଼ିଆ, ଜଙ୍ଗଲ ଗୋଚର ଭୂମି ଇତ୍ୟାଦି ପଞ୍ଚାୟତ ଅଧୀନରେ ଥିବା ସମ୍ପତ୍ତିରୁ ମଧ ପଞ୍ଚାୟତ ପାଣ୍ଠି ସଂଗ୍ରହ କରିଥାଏ । ଖତ ବା ଗୋବର ବିକ୍ରି ଲବ୍ଧ ଅର୍ଥ ଓ ମୃତ ଆଦି ଶବ ସତ୍କାରରୁ ସଂଗ୍ରହ ଅର୍ଥ ପଞ୍ଚାୟତ ନିଜପାଖରେ ରଖିଥାଏ । ସେମାନେ ମଧ ରାଜ୍ୟ ସରକାରଙ୍କଠାରୁ ଭୂ - ରାଜସ୍ୱ ବାବଦରେ ନିଜ ଅଂଶ ପାଇଥାନ୍ତି ।

**(ii) ପଞ୍ଚାୟତ ସମିତି :**

ପାନୀୟ ଓ ସେଚ ପାଇଁ ଜଳଯୋଗାଣ, ଆଲୋକିକରଣ ବ୍ୟବସ୍ଥା, ପୋଲ ଉପରେ ପଣ୍ୟକର ବ୍ୟବସ୍ଥା ଇତ୍ୟାଦି ସୁବିଧାଗୁଡ଼ିକ ଉପରେ ପଞ୍ଚାୟତ ସମିତି କର ଧାର୍ଯ୍ୟ କରିଥାନ୍ତି । ପଞ୍ଚାୟତ ସମିତିର ସମ୍ପତ୍ତି ଗୁଡ଼ିକ ହେଲା, ସର୍ବସାଧାରଣ କୋଠାବାଡ଼ି, ନିଜ ପାଣ୍ଠିରୁ ନିର୍ମିତ ଓ ରକ୍ଷଣାବେକ୍ଷଣ ହେଉଥିବା ରାସ୍ତାଘାଟ ଏବଂ ସରକାରଙ୍କଦ୍ୱାରା ହସ୍ତାନ୍ତର ହୋଇଥିବା ଜାଗାବାଡ଼ି ବା ଅନ୍ୟାନ୍ୟ ସମ୍ପତ୍ତି । ଏହି ସମ୍ପତ୍ତିଗୁଡ଼ିକରୁ ମିଳୁଥିବା ଆୟ ପଞ୍ଚାୟତ ସମିତି ହାତକୁ ଯାଇଥାଏ । ସେମାନେ ମଧ ରାଜ୍ୟ ସରକାରଙ୍କଠାରୁ ଅନୁଦାନ ପାଇଥାନ୍ତି । ଏହାଛଡ଼ା ବିଭିନ୍ନ ଯୋଜନା ସବୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ପରିଷଦ କିମ୍ବା ରାଜ୍ୟ ସରକାର ପଞ୍ଚାୟତ ସିମିତିକୁ ପାଣ୍ଠି ହସ୍ତାନ୍ତର କରିଥାନ୍ତି ।

**କୌଣସି ଏକ ସୁବିଧା ପାଉଥିବା ବ୍ୟକ୍ତିଙ୍କ ଉପରେ ଯେଉଁ କର ବସାଯାଏ ତାକୁ ପଥ କର କୁହାଯାଏ । ଯଥା, ଏକ ପୋଲ ଉପରେ ଯାତାୟତ କରୁଥିବା ବ୍ୟକ୍ତି ନାମକୁ ମାତ୍ର କିଛି ଅର୍ଥ ପଥ କର ବାବଦରେ ପୋଲକୁ ବ୍ୟବହାର କରୁଥିବାରୁ ଦେଇଥାନ୍ତି ।**

**(iii) ଜିଲ୍ଲା ପରିଷଦ :**

ଜିଲ୍ଲା ପରିଷଦମାନଙ୍କର ମଧ କର ଧାର୍ଯ୍ୟ କରିବାର କ୍ଷମତା ରହିଛି ସେମାନେ ଗ୍ରାମାଞ୍ଚଳରେ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ଉପରେ ୬ମାସ ପାଇଁ କର ବସାଇ ପାରିବେ । ଏହାଛଡ଼ା ସେମାନେ ମଧ ଦଲାଲ, କମିଶନ ଏଜେଣ୍ଟ ଇତ୍ୟାଦି ମାନଙ୍କଠାରୁ ନିଜ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ବଜାରରେ ବିଭିନ୍ନ ସାମଗ୍ରୀର କିଣାବିକାକୁ ନେଇ କର ଧାର୍ଯ୍ୟ କରନ୍ତି । ଜିଲ୍ଲା ପରିଷଦ ଦ୍ୱାରା ଭୂ-ରାଜସ୍ୱ ଉପରେ ମଧ କର



Notes

ଧାର୍ଯ୍ୟ କରାଯାଇପାରେ । ଯେତେବେଳେ ଉନ୍ନୟନମୂଳକ ଯୋଜନାଗୁଡ଼ିକ ସେମାନଙ୍କ ଉପରେ ନ୍ୟସ୍ତ କରାଯାଏ ସେତେବେଳେ ସେମାନଙ୍କୁ ଆବଶ୍ୟକୀୟ ପାଣ୍ଠି ମଧ୍ୟ ଯୋଗାଇ ଦିଆଯାଇଥାଏ. । ସେମାନେ ମଧ୍ୟ ରାଜ୍ୟ ସରକାରଙ୍କଠାରୁ ଅନୁଦାନ ଗ୍ରହଣ କରିଥାନ୍ତି, ଦାତବ୍ୟ ଅନୁଷ୍ଠାନଙ୍କ ଠାରୁ ଚାନ୍ଦା ଆକାରରେ ଅର୍ଥ ପାଇଥାନ୍ତି ଏବଂ ଆବଶ୍ୟକ ପଡ଼ିଲେ ଋଣ ମଧ୍ୟ କରିଥାନ୍ତି ।

## ୧୬.୯ ପଞ୍ଚାୟତିରାଜ ବ୍ୟବସ୍ଥାର ମୂଲ୍ୟାଙ୍କନ

ଉଭୟ ସହର ଓ ଗ୍ରାମାଞ୍ଚଳ ସ୍ତରରେ ତୃଣମୂଳ ଗଣତନ୍ତ୍ର ଧାରଣାଟି ଦେଶରେ ପରିସ୍ଫୁଟିତ ହୋଇପାରିନାହିଁ । ଏହି ବିଫଳତା ପାଇଁ ଯେଉଁ କେତେକ ମୁଖ୍ୟ କାରଣ ଦାୟୀ ସେଗୁଡ଼ିକ ହେଲା — ପ୍ରଶାସନର ରାଜନୀତିକରଣ, ନିର୍ବାଚିତ ସଂସ୍ଥାମାନଙ୍କରେ ଅପରାଧୀତତ୍ତ୍ୱ ଗୁଡ଼ିକର ପ୍ରବେଶ, ଅହେତୁକ ଦୁର୍ନୀତି, ଜାତି ଓ ଗୋଷ୍ଠୀ ବାଦ, ଜନକଲ୍ୟାଣ ଅପେକ୍ଷା ସ୍ୱାର୍ଥପରତାକୁ ଅଧିକ ଗୁରୁତ୍ୱ ଓ ନିର୍ବାଚନରେ ଅସାଧୁ ଉପାୟ ଅବଲମ୍ବନ । ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ କରିବା ମାଧ୍ୟମରେ ୭୩ତମ ସଂଶୋଧନ ଗ୍ରାମାଞ୍ଚଳରେ କ୍ଷମତା ସମ୍ପର୍କରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରିଛି । କିନ୍ତୁ ଉପଯୁକ୍ତ ଶିକ୍ଷା, ତାଲିମ ଓ ଅର୍ଥନୈତିକ ସ୍ୱାଧିନତାର ଅଭାବରୁ ଏହି ଗୋଷ୍ଠୀସବୁ ନିଜର ଅଧିକାରକୁ ସାବ୍ୟସ୍ତ କରିବାରେ ସଫଳ ହୋଇ ପାରୁନାହାନ୍ତି । ଏଥିରେ ମୁଖ୍ୟ ପ୍ରତିବନ୍ଧକଗୁଡ଼ିକ ହେଲା— ନିରକ୍ଷରତା, ଦାରିଦ୍ର୍ୟ ଓ ବେକାରୀ । ଭାଗିଦାରୀ ବିକାଶ ସୃଷ୍ଟି କରିବା ପାଇଁ ଏହି ସମସ୍ୟାଗୁଡ଼ିକର ସମାଧାନ କରିବା ନିମନ୍ତେ ଯଥା ଶୀଘ୍ର ପଦକ୍ଷେପ ନେବା ନିହାତି ଆବଶ୍ୟକ । ଅନେକ ସମୟରେ ଦେଖିବାକୁ ମିଳେ ଯେ, ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ବାସ୍ତବରେ ପୁରୁଷମାନେ (ମୁଖ୍ୟତଃ ସେମାନଙ୍କର ସ୍ୱାମୀମାନେ) ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିଥାନ୍ତି । ଏହା ସତ୍ତ୍ୱେ ମହିଳାମାନେ କେତେକ କ୍ଷେତ୍ରରେ ଜାଗ୍ରତ ହୋଇ ନିଜର ଅଧିକାର ଓ ଦାୟିତ୍ୱ ନିର୍ବାହ କରିବାରେ ସଫଳ ହେଉଛନ୍ତି । ଏହା ନିଶ୍ଚିତଭାବେ ଏକ ଅତ୍ୟନ୍ତ ସକାରାତ୍ମକ ଉନ୍ନତି ଅଟେ ।

ବର୍ତ୍ତମାନର ସମ୍ବିଧାନ ସଂଶୋଧନଗୁଡ଼ିକ ନିଶ୍ଚିତ ରୂପେ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାମାନଙ୍କର ଆର୍ଥିକ ସମ୍ବଳକୁ ପ୍ରଶସ୍ତ କରିଛି । ମାତ୍ର ଏସବୁ ସତ୍ତ୍ୱେ ସେମାନେ ଆର୍ଥିକ ଅଭାବ ଦେଇ ଗତି କରୁଛନ୍ତି । ଯଦିଓ କର ଧାର୍ଯ୍ୟ କରିବାର କ୍ଷମତା ସେମାନଙ୍କୁ ଦିଆଯାଇଛି ସେମାନେ ଯଥେଷ୍ଟ କର ଆଦାୟ କରିପାରୁ ନାହାନ୍ତି । ତେଣୁ ଆର୍ଥିକ ଅଭାବ ଯୋଗୁ ସ୍ୱୟଂଶାସିତ ଅନୁଷ୍ଠାନ ଭାବେ ବା ଗ୍ରାମାଞ୍ଚଳରେ ଅର୍ଥନୈତିକ ବିକାଶର ଆବାହକ ଭାବେ ପଞ୍ଚାୟତଗୁଡ଼ିକ ନିଜ ଭୂମିକା ନିର୍ବାହ କରିପାରୁ ନାହାନ୍ତି । ପଞ୍ଚାୟତଗୁଡ଼ିକ ମଧ୍ୟ ରାଜ୍ୟସରକାରଙ୍କଦ୍ୱାରା ବିଭିନ୍ନ ଉପାୟରେ ନିୟନ୍ତ୍ରିତ ହେଉଛନ୍ତି । ସେମାନଙ୍କର ପ୍ରସ୍ତାବଗୁଡ଼ିକୁ ନାକଚ କରିବାର କ୍ଷମତା ରାଜ୍ୟ ସରକାରଙ୍କୁ ଦିଆଯାଇଛି । ମାତ୍ର ୭୩ତମ ସମ୍ବିଧାନ ସଂଶୋଧନ ବଳରେ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ଭଙ୍ଗ କରାଗଲେ ୬ମାସ ମଧ୍ୟରେ ପୁଣି ନିର୍ବାଚନ ଅନୁଷ୍ଠିତ କରିବା ପାଇଁ ରାଜ୍ୟ ସରକାର ବାଧ୍ୟ ଅଟନ୍ତି ।

ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ପଞ୍ଚାୟତ ମାନଙ୍କରେ ଜନସାଧାରଣଙ୍କର ସକ୍ରିୟ ଅଂଶଗ୍ରହଣ କରିବା ଆବଶ୍ୟକ ଅଟେ । ଏହା ଗ୍ରାମ ସଭାମାନଙ୍କ ଦ୍ୱାରା ସୁନିଶ୍ଚିତ କରାଯାଇ ପାରିବ । ଗ୍ରାମସଭା ମାଧ୍ୟମରେ ଜନସାଧାରଣ ବିଭିନ୍ନ ପ୍ରଶ୍ନ ପଚାରି ପଞ୍ଚୟତଠାରୁ ଉତ୍ତର ଦାବି କରିପାରନ୍ତି । ଲୋକମାନଙ୍କର ଆବଶ୍ୟକତା ଓ ଗୁରୁତ୍ୱ ମଧ୍ୟରେ ଯୋଗସୂତ୍ର ରକ୍ଷାକରି ଗ୍ରାମସଭା ଗ୍ରାମର ବିକାଶ ଯୋଜନା ନିର୍ଦ୍ଦେଶ କରିଥାଏ । ଯଦି ସେମାନଙ୍କୁ ଯଥେଷ୍ଟ କ୍ଷମତା ଦିଆଯାଏ, ତେବେ ଗ୍ରାମସଭାଗୁଡ଼ିକ ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ନିଜ ଭୂମିକା ସଫଳ ଭାବେ ନିର୍ବାହ କରିପାରିବେ ।







ଗ୍ରାମାଞ୍ଚଳର ସର୍ବାଙ୍ଗୀନ ସାମାଜିକ,ଅର୍ଥନୈତିକ ଓ ସାଂସ୍କୃତିକ ଉନ୍ନତି ସୁଦୃଢ଼ ପଞ୍ଚାୟତମାନଙ୍କ ଉପରେ ନିର୍ଭର କରେ । ପଞ୍ଚାୟତମାନଙ୍କ ଉପରେ ଆସ୍ଥା ସ୍ଥାପନ କଲେ, ସେମାନଙ୍କୁ ଯଥେଷ୍ଟ ପ୍ରଶାସନିକ ଆର୍ଥିକ କ୍ଷମତା ହସ୍ତାନ୍ତର କଲେ, ଓ ଜନସାଧାରଣଙ୍କଠାରେ ସତର୍କତା ଓ ସକ୍ରିୟ ଅଂଶଗ୍ରହଣ ଆଦି ଗୁଣସବୁ ଉତ୍ସାହିତ କଲେ ତୃଣମୂଳ ସ୍ତରରେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୬.୩

**ପ୍ରଶ୍ନ ଶେଷରେ ବନ୍ଧନୀ ମଧ୍ୟରେ ଥିବା ସଠିକ୍ ଉତ୍ତର ଚୟନ କର ।**

୧। ଖତ, ଗୋବର, ଓ ପଶୁମାନଙ୍କ ଶବ ବିକ୍ରୀରୁ ଆୟ କିଏ ପାଇଥାଆନ୍ତି ?
(ଜିଲ୍ଲା ପରିଷଦ / ପଞ୍ଚାୟତ ସମିତି / ଗ୍ରାମ ପଞ୍ଚାୟତ)

୨। ପଥ କର କ'ଣ ?
(ସର୍ବସାଧାରଣ ସମ୍ପତ୍ତି ବିକ୍ରୀ ଉପରେ କର / ରାସ୍ତା ବା ପୋଲ ବ୍ୟବହାର କରିବା ଉପରେ କର / ବିଦ୍ୟୁତ୍ ବ୍ୟବହାର ଉପରେ କର)

୩। କିଏ କମିଶନଏଜେଣ୍ଟମାନଙ୍କ ଉପରେ କର ଧାର୍ଯ୍ୟ କରନ୍ତି ?
(ଜିଲ୍ଲା ପରିଷଦ / ପଞ୍ଚାୟତ ସମିତି / ନ୍ୟାୟ ପଞ୍ଚାୟତ)


୪। ମହିଳା, ଅନୁସୂଚିତ ଜାତି ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗ ପାଇଁ ସ୍ଥାନ ସଂରକ୍ଷଣ କରିବାର ଲକ୍ଷ୍ୟ କଣ ?
(ଅର୍ଥନୀତିର ବିକାଶ କରିବା / ଗ୍ରାମଗୁଡ଼ିକର ସାମାଜିକ ସଂରଚନା ପରିବର୍ତ୍ତନ କରିବା / ସହଯୋଗକୁ ପ୍ରୋତ୍ସାହିତ କରିବା)

୫। ପଞ୍ଚାୟତମାନେ କାହିଁକି ସ୍ୱୟଂଶାସିତ ଅନୁଷ୍ଠାନ ଭାବେ ନିଜ ଭୂମିକା ନିର୍ବାହ କରିପାରୁ ନାହାନ୍ତି ?
(ସମ୍ବଳର ଅଭାବ / ସବୁ ଗୋଷ୍ଠୀର ଅଂଶଗ୍ରହଣ କରିବାରେ ଅଭାବ /ରାଜନୈତିକ ଶ୍ରେଣୀର ହସ୍ତକ୍ଷେପ)

୬। ଗଣତାନ୍ତ୍ରିକଭାବେ ନିର୍ବାଚିତ ପ୍ରତିନିଧିତ୍ୱରେ ଅଂଶଗ୍ରହଣକୁ କେଉଁ ସଂସ୍ଥା ସୁନିଶ୍ଚିତ କରି ପାରିବ ?
(ରାଜ୍ୟ ବିଧାନ ସଭା / ଜିଲ୍ଲା ପରିଷଦ / ଗ୍ରାମ ସଭା)

## ତୁମେ କ'ଣ ଶିକ୍ଷା କଲ

ତିନି ପ୍ରକାର ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ରହିଥାଏ; ମହାନଗର ନିଗମ ବୃହତ୍ ସହର ମାନଙ୍କରେ, ପୌରପାଳିକା ମଧ୍ୟମ ଧରଣର ବା ଛୋଟ ସହରାଞ୍ଚଳରେ ଓ ନଗର ପଞ୍ଚାୟତ ଅତି କ୍ଷୁଦ୍ର ସହରାଞ୍ଚଳରେ ଦେଖାଯାଏ । ନିର୍ବାଚନୀ ୱାର୍ଡ଼ ଭିତ୍ତିରେ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସରକାର ଗୁଡ଼ିକ ଗଣତାନ୍ତ୍ରିକ ଉପାୟରେ ଜନସାଧାରଣଙ୍କଦ୍ୱାରା ନିର୍ବାଚିତ ହୋଇଥାଆନ୍ତି । ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ସହରପାଇଁ ନୀତି ନିର୍ଦ୍ଧାରଣ କରନ୍ତି, ରାଜସ୍ୱ ସୃଷ୍ଟି କରନ୍ତି ଓ ନିଜ ବଜେଟ୍ ଗୃହୀତ କରନ୍ତି । କୋଠାବାଡ଼ି ଉପରେ ଧାର୍ଯ୍ୟ କରାଯାଉଥିବା ସମ୍ପତ୍ତି କର ହେଉଛି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନଙ୍କର ମୁଖ୍ୟ ଆୟର ପନ୍ଥା । ସେମାନଙ୍କର ଅନ୍ୟ ଏକ ପ୍ରମୁଖ ଆୟର ପନ୍ଥା ହେଲା ସରକାରଙ୍କଠାରୁ ଅନୁଦାନ । ସହରାଞ୍ଚଳ ସ୍ଥାନୀୟ ସରକାର ଲୋକମାନଙ୍କୁ ଆବଶ୍ୟକୀୟ ନାଗରିକ ସୁବିଧାମାନ ଯୋଗାଇଥାଏ ଦେଇଥିବା ଏହା ମଧ୍ୟ ସ୍ଥାନୀୟ କ୍ଷେତ୍ରରେ ତୃଣମୂଳ ଗଣତନ୍ତ୍ରର ପ୍ରତିନିଧିତ୍ୱ କରିଥାଏ ।



Notes

ଆମ ଦେଶରେ ଗ୍ରାମ ସ୍ତରରେ ପଞ୍ଚାୟତ ହେଉଛି ଏକ ସର୍ବ ପୁରାତନ ଅନୁଷ୍ଠାନ । ତୃଣମୂଳ ସ୍ତରରେ ଗଣତନ୍ତ୍ରର ପ୍ରାଥମିକ ଅନୁଷ୍ଠାନ ଭାବେ ପଞ୍ଚାୟତଗୁଡ଼ିକ କାର୍ଯ୍ୟ କରିଆସୁଛନ୍ତି । ୭୩ତମ ସଂଶୋଧନ ସେମାନଙ୍କୁ ସାମ୍ବିଧାନିକ ମର୍ଯ୍ୟାଦା ଦେଇଅଛି । ବର୍ତ୍ତମାନ ଗ୍ରାମ ଉନ୍ନୟନର ଦାୟିତ୍ୱ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ହାତରେ ନ୍ୟସ୍ତ କରାଯାଇଛି । ଏ ପର୍ଯ୍ୟନ୍ତ ସମାଜରେ ଅବହେଳିତ ହେଉଥିବା ଗୋଷ୍ଠୀ ଯଥା, ଅନୁସୂଚିତ ଜାତି, ଜନଜାତି, ପଛୁଆ ଶ୍ରେଣୀ ମହିଳାମାନଙ୍କ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ ନିଶ୍ଚିତ ଭାବରେ ଏହି ତୃଣମୂଳ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବ ।

ଯଦିଓ ସମଗ୍ର ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥା ସମାନ ନୁହେଁ ତଥାପି ମୋଟାମୋଟି ଭାବରେ ଦେଖିବାକୁ ଗଲେ ଅଧିକାଂଶ ରାଜ୍ୟରେ ତ୍ରିସ୍ତରୀୟ ବ୍ୟବସ୍ଥା ରହିଥାଏ । ଏହିଗୁଡ଼ିକ ହେଲା — ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ, ମାଧମିକ ବା ବ୍ଲକ ସ୍ତରରେ ପଞ୍ଚାୟତ ସମିତି ଓ ତଳ ବା ଗ୍ରାମ ସ୍ତରରେ ଗ୍ରାମ ପଞ୍ଚାୟତ । ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପ୍ରକ୍ରିୟା ବଜାୟ ରଖିବା ପାଇଁ ଗ୍ରାମାଞ୍ଚଳ ଜନତାଙ୍କର ସକ୍ରିୟ ଅଂଶଗ୍ରହଣ ଓ ସତର୍କତା ନିହାତି ଆବଶ୍ୟକ ।

## ପାଠ୍ୟାନ୍ତ ଅଭ୍ୟାସ

୧। ସହରାଞ୍ଚଳ ସ୍ଥାନୀୟ ସରକାର ଅର୍ଥ କ'ଣ ?

୨। ୭୪ତମ ସମ୍ବିଧାନ ସଂଶୋଧନ ଦ୍ୱାରା କ'ଣ ସବୁ ପ୍ରମୁଖ ସଂସ୍କାର ଆରମ୍ଭ କରାଯାଇଥିଲା ?

୩। ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ପ୍ରମୁଖ କାର୍ଯ୍ୟାବଳୀ ଚିହ୍ନଟ କର ।

୪। ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ମୁଖ୍ୟ ଆୟର ପନ୍ଥା ଗୁଡ଼ିକ ଉଲ୍ଲେଖ କର ।

୫। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ସଂକ୍ଷିପ୍ତରେ ବର୍ଣ୍ଣନା କର ।

୬। ୭୩ତମ ସମ୍ବିଧାନ ସଂଶୋଧନର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ସଂକ୍ଷେପରେ ଆଲୋଚନା କର ।

୭। ବଳବନ୍ତରାୟ ମେହେଟ୍ଟା ସମିତିର ସୁପାରିଶଗୁଡ଼ିକ ବିଶ୍ଳେଷଣ କର ।

୮। ଗଣତନ୍ତ୍ରର ତୃଣମୂଳ ଅନୁଷ୍ଠାନ ରୂପେ ପଞ୍ଚାୟତମାନଙ୍କର କାର୍ଯ୍ୟାବଳୀ ମୂଲ୍ୟାଙ୍କନ କର ।

### ସମ୍ପ୍ରସାରିତ ଶିକ୍ଷା :

୭୩ ଓ ୭୪ ତମ ସମ୍ବିଧାନ ସଂଶୋଧନ ଅଧିନିୟମ ୧୯୯୨ ପଠନ କର । ନିକଟସ୍ଥ ଏକ ପଞ୍ଚାୟତକୁ ଯାଅ, ସେଠାରେ ଥିବା ନେତୃମଣ୍ଡଳୀଙ୍କ ସହିତ ଆଲୋଚନା କର ଓ ଜାଣିବାକୁ ଚେଷ୍ଟା କର ଯେ ସେ ଅଞ୍ଚଳରେ ପଞ୍ଚାୟତ କେଉଁ ସବୁ କାର୍ଯ୍ୟ କରୁଛି । ସାଧାରଣ ଲୋକଙ୍କ ସହିତ ମଧ୍ୟ କଥା ହୁଅ ଓ ଜାଣିବାକୁ ଚେଷ୍ଟା କର ସେମାନେ ପଞ୍ଚାୟତର ଯୋଜନାଗୁଡ଼ିକ ଓ ଏହାର କାର୍ଯ୍ୟାବଳୀ ସମ୍ପର୍କରେ ଅବଗତ ଅଛନ୍ତି କି ନାହିଁ । ତୁମ ନିଜ ଗ୍ରାମ ବା ନିକଟସ୍ଥ ଗ୍ରାମଗୁଡ଼ିକର ବିକାଶ ପାଇଁ ପଞ୍ଚାୟତର କିଭଳି ଭୂମିକା ରହିଆସିଛି ତାହା ମଧ୍ୟ ଜାଣିବାକୁ ଚେଷ୍ଟା କର ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୧୬.୧**

୧। ମହାନଗର ନିଗମ

୨। ଏକ ତୃତୀୟାଂଶ

୩। ମହାନଗର ନିଗମ ଓ ସମିତି

୪। ପାଞ୍ଚ

୫। ପୌର କମିଶନର

୬। ପାନୀୟ ଜଳ ଯୋଗାଣ

୭। ସମ୍ପତ୍ତି କର

**୧୬.୨**

୧। ମହାତ୍ମାଗାନ୍ଧୀ

୨। ବଳବନ୍ତରାୟ ମେହେଟ୍ଟା

୩। ପଞ୍ଚାୟତ ସମିତି

୪। ରାଜ୍ୟ ଅର୍ଥ ଆୟୋଗ

୫। ବି.ଡ଼ି.ଓ.

୬। ନ୍ୟାୟ ପଞ୍ଚାୟତ

୭। ଗ୍ରାମ ସଭା

୮। ଜିଲ୍ଲା ପରିଷଦ

**୧୬.୩**

୧। ଗ୍ରାମ ପଞ୍ଚାୟତ

୨। ପୋଲ ଓ ରାସ୍ତା ବ୍ୟବହାର କରିବା ପାଇଁ କର

୩। ଜିଲ୍ଲା ପରିଷଦ

୪। ଗ୍ରାମଗୁଡ଼ିକର ସାମାଜିକ ସଂରଚନା ପରିବର୍ତ୍ତନ କରିବା

୫। ସମ୍ବଳର ଅଭାବ

୬। ଗ୍ରାମ ସଭା

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। ଭାଗ ୧୬.୧ ଦେଖ

୨। ଭାଗ ୧୬.୨ ଦେଖ

୩। ଭାଗ ୧୬.୪ ଦେଖ

୪। ଭାଗ ୧୬.୪.୧ ଦେଖ

୫। ଭାଗ ୧୬.୭ ଦେଖ

୬। ଭାଗ ୧୬.୫.୨ ଦେଖ

୭। ଭାଗ ୧୬.୫.୧ ଦେଖ

୮। ଭାଗ ୧୬.୯ ଦେଖ

❑❑❑